# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 March - 2025

### News Editor : Tapan Kumar Maharana

*************************************

## ମୁଖ୍ୟ ସମ୍ବାଦ

- ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ବାର୍ତ୍ତା ନେଇ ଆୟୋଜିତ ଗଣଦୌଡରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ

— ମୟୂରଭଞ୍ଜ ଜିଲ୍ଲା ଗସ୍ତ ଶେଷ କରି କେନ୍ଦୁଝର ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ

- ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ଗୁରୁବାର ଦିନ ପ୍ରଦାନ କରାଯିବ

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବଜେଟ୍ ସମ୍ପନ୍ଧରେ ବିଭିନ୍ନ ସ୍ଥାନରେ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ

ଏବଂ

- ମୁସଲମାନ ଧର୍ମାବଲମ୍ବୀଙ୍କ ପବିତ୍ର ରମଜାନ ମାସ ଆଜିଠାରୁ ଆରମ୍ଭ

## ମିନି ମାରାଥନ-ମୁଖ୍ୟମନ୍ତ୍ରୀ

ମୟୂରଭଞ୍ଜ ଜିଲ୍ଲା ରାମତୀର୍ଥଠାରେ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ବାର୍ତ୍ତା ନେଇ ଏକ ସଚେତନତା ଦୌଡ଼ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ ହୋଇଥିଲେ। ପ୍ରାୟ ୯୦୦ ଜଣ ଛାତ୍ରଛାତ୍ରୀ ଏହି ଦୌଡରେ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଶିମିଳିପାଳର ସୁରକ୍ଷା ପାଇଁ ଚଳିତବର୍ଷ ବଜେଟ୍‌ରେ ୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଶେଷକରି କେନ୍ଦୁଝରଠାରେ ଆଜି ପୂର୍ବାହ୍ଣରେ ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଆଂଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରିଛନ୍ତି। କେନ୍ଦୁଝର ଜିଲ୍ଲା ସହିତ ଅନୁଗୁଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାର ଚାଷୀମାନେ ମେଳାରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର ଦ୍ୱିତୀୟ କାର୍ଯ୍ୟକ୍ରମ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀରେ ଯୋଗଦେଇଛନ୍ତି। ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ରାଇକଳା ଗସ୍ତ କରି ସେଠାରେ ଚାଲିଥିବା କ୍ରିକେଟ୍ ମ୍ୟାଚ୍‌ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେବେ। ସନ୍ଧ୍ୟାରେ କେନ୍ଦୁଝର କାଳୀପଡିଆରେ ଆୟୋଜିତ ଆଂଚଳିକ କଳିଙ୍ଗ ହର୍ବାଲ ମେଳାରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ଣରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଜନ ଅଭିଯୋଗ ଶୁଣାଣି କରିବେ।

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ୬ ତାରିଖରେ ପ୍ରଦାନ କରାଯିବ। କୌଣସି କାରଣ ପାଇଁ ପ୍ରଥମ ପର୍ଯ୍ୟାୟ ସହାୟତା ରାଶି ପାଇବାରୁ ବଞ୍ଚିତ ଥିବା ପ୍ରାୟ ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଏହା ବ୍ୟତୀତ ଏହି ଯୋଜନାର ଦ୍ୱିତୀୟ କିସ୍ତି ଚଳିତ ମାସ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସରେ ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

**-V/O-**

ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଶେଷ ତାରିଖକୁ ଚଳିତ ମାସ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯେଉଁମାନେ ଏହି ସମୟସୀମା ମଧ୍ୟରେ ଆବେଦନ କରିଥିବେ, ସେମାନଙ୍କୁ ଆସନ୍ତା ରାକ୍ଷୀପୂର୍ଣ୍ଣିମାରେ ଏକକାଳୀନ ୩ଟି କିସ୍ତିରେ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆନ୍ତର୍ଜାତିକ ମହିଳା ଦିବସ

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ  ଆଜି ଅପରାହ୍ଣରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହେବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେବେ ।

## ସୁଭଦ୍ରା ଶକ୍ତି ଉଦ୍‌ଯାପିତ

ଭୁବନେଶ୍ୱର ଜନତା ମଇଦାନରେ ୯ ଦିନ ଧରି ଚାଲିଥିବା ସୁଭଦ୍ରା ଶକ୍ତିମେଳା ୨୦୨୫ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହେବ । ଉଦ୍‌ଯାପନୀ ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେବେ । ସୂଚନାଯୋଗ୍ୟ ସୁଭଦ୍ରା ଶକ୍ତିମେଳାରେ ସମୁଦାୟ ବିକ୍ରୟ ପରିମାଣ ୩ କୋଟି ଟଙ୍କା ଅତିକ୍ରମ କରିଛି । ମେଳାକୁ ୨ ଲକ୍ଷ ୫୦ ହଜାର ଦର୍ଶକ  ବୁଲି ଦେଖିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି ।

## ଲୋକାଭିମୁଖୀ ବଜେଟ୍

କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଲୋକାଭିମୁଖୀ ବଜେଟ୍ ସମ୍ପନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳୀୟ କର୍ମୀମାନେ ବୁଦ୍ଧିଜୀବୀ ସମ୍ମିଳନୀରେ ସେମାନଙ୍କର ମତ ବ୍ୟକ୍ତ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବଜେଟ୍ ଲୋକାଭିମୁଖୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାର ପ୍ରତିଫଳନ ବୋଲି ସାଂସଦ ବୈଜୟନ୍ତ ପଣ୍ଡା ଏବଂ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଜିଲ୍ଲା ସଂସ୍କୃତି ଭବନରେ ବଜେଟ୍‌କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଉଭୟ ନେତା କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ର ଏବଂ ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ

ରାଜ୍ୟରେ ପରଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମହିଳା ସଶକ୍ତୀକରଣ, ଆର୍ଥିକ ଉଦାରୀକରଣ କ୍ଷେତ୍ରରେ ଉଭୟ ବଜେଟ୍‌ରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

ଗଣମାଧ୍ୟମକୁ ସୂଚନା ଦେଇ ଉଚ୍ଚଶିକ୍ଷାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି....

**-V/O-**

**ସୁବର୍ଣ୍ଣପୁର**ଠାରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ଉଭୟ ବଜେଟ୍ ଏକ ସମତୁଲ ଓ ଲୋକଗ୍ରାହୀ ବଜେଟ୍। ଆୟକର ଛାଡ ସୀମା ୧୨ ଲକ୍ଷ ପର୍ଯ୍ୟନ୍ତ କରାଯାଇଥିବାରୁ ବିଶେଷକରି, ମଧ୍ୟବିତ୍ତ ପରିବାରର ଲୋକମାନେ ଉପକୃତ ହେବେ। କୃଷିଜାତ ଦ୍ରବ୍ୟର ସହକାରୀ ମୂଲ୍ୟରେ ଅଭିବୃଦ୍ଧି ସହିତ ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଓ କୃଷି ସିଞ୍ଚାଇ ଯୋଜନା କୃଷି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆଣିବା ସହିତ ଦେଶକୁ ଆତ୍ମନିର୍ଭର କରିବା ପାଇଁ ସୁଯୋଗ ଦେଉଛି ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ସମ୍ମିଳନୀରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଯୋଗଦେଇଥିଲେ।

**ମାଲକାନଗିରି**ଠାରେ ଆୟୋଜିତ ସମ୍ମିଳନୀରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଯୋଗଦେଇ କହିଛନ୍ତି, ବଜେଟ୍ ବିକଶିତ ଭାରତ ଲକ୍ଷ୍ୟ ହାସଲ ସହିତ ଆଦିବାସୀ, ମହିଳା, ଗରିବ, ପଛୁଆବର୍ଗ ଓ ସାଧାରଣ

ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଚାଷୀମାନଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩ ହଜାର ୧୦୦ ଟଙ୍କାରେ ସଂଗ୍ରହ କରାଯାଉଛି। ସମ୍ମିଳନୀରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ପ୍ରମୁଖ ଯୋଗଦେଇଥିଲେ।

## ରମ୍‌ଜାନ୍

ମୁସଲମାନ ଧର୍ମାବଲମ୍ବୀଙ୍କ ପବିତ୍ର ରମଜାନ ମାସ ଆଜିଠାରୁ ଆରମ୍ଭ ହୋଇଛି। ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସମସ୍ତ ସାହି ଏବଂ ମସ୍‌ଜିଦ୍‌ରେ ତରାବୀ ପାଠ କରାଯାଇଛି। ଚନ୍ଦ୍ର ଦର୍ଶନ ପରେ ପ୍ରତ୍ୟେକ ମସ୍‌ଜିଦ୍‌ରେ ନମାଜ ପାଠ କରି ମୁସଲମାନ ଭାଇଭଉଣୀମାନେ ଆଜିଠାରୁ ରମ୍‌ଜାନ ପାଳନ ଆରମ୍ଭ କରିଛନ୍ତି। ଉପବାସ ମାସର ଆଜି ହେଉଛି ପ୍ରଥମ ଦିନ। ଏହି ମାସରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ 'ତ୍ରଓ୍ୱି' ପ୍ରାର୍ଥନା ଅନୁଷ୍ଠିତ ହୋଇଥାଏ ।

ଇଦ୍-ଉଲ୍-ଫିତର୍ ପର୍ବ ପାଳନ ପୂର୍ବକ ରମ୍‌ଜାନ ମାସ ଶେଷ ହେବ। ଉପସାଗରୀୟ ଦେଶଗୁଡ଼ିକରେ ଗତକାଲିଠାରୁ ରମ୍‌ଜାନ ମାସ ଆରମ୍ଭ ହୋଇଛି ।

## ବୈଦେଶିକ ମୁଦ୍ରା

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଗତ ଫେବୃୟାରୀ ମାସ ୨୧ ତାରିଖ ସୁଦ୍ଧା ବୃଦ୍ଧି ପାଇ ୬୪ ହଜାର ୫୦ କୋଟି ଡଲାରରେ ପହଞ୍ଚିଛି। ଭାରତୀୟ

ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ, ଗତ ଫେବୃୟାରୀ ମାସରେ ୨୧ ତାରିଖ ସୁଦ୍ଧା ୪୮୦ କୋଟି ଡଲାର ବୃଦ୍ଧି ପାଇଛି।

ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ମାସରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବକାଳୀନ ରେକର୍ଡସ୍ତରେ ୭୦ ହଜାର ୪୯୦ କୋଟି ଡଲାରରେ ପହଞ୍ଚିଥିଲା।

# ଜିଏସଟି

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବାକର-ଜିଏସ୍‌ଟି ବାବଦରେ ଗତ ଫେବୃୟାରୀ ମାସରେ ୧ଲକ୍ଷ ୮୪ ହଜାର କୋଟି ଟଙ୍କା ଆଦାୟ କରିଛନ୍ତି । ୨୦୨୪ ମସିହା ଫେବୃୟାରୀ ମାସ ତୁଳନାରେ ଚଳିତ ବର୍ଷ ଫେବୃୟାରୀ ମାସରେ ଜିଏସଟି ଆଦାୟ ୯ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଗତମାସରେ ଓଡ଼ିଶାର ଜିଏସଟି ଆଦାୟ ପରିମାଣ ୫ ହଜାର ୩୪୪ କୋଟି ଟଙ୍କା ଥିବା ଜଣାପଡ଼ିଛି, ଯାହାକି ଗତବର୍ଷ ଫେବୃୟାରୀ ମାସ ତୁଳନାରେ ୪ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି ।

# ପିଏମ୍ ପୋଷଣ

ପିଏମ୍ ପୋଷଣ ଯୋଜନାରେ ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ବାବଦକୁ ଦିଆଯାଉଥିବା ଅଣ୍ଡାର ମୂଲ୍ୟ ୭ ଟଙ୍କାକୁ ବୃଦ୍ଧି କରିଛନ୍ତି। ଅଣ୍ଡା ପିଛା ମୂଲ୍ୟ ପୂର୍ବରୁ ୫ ଟଙ୍କା ଥିବାବେଳେ ସାମ୍ପ୍ରତିକ ବଜାର ଦରକୁ ଆଖି ଆଗରେ ରଖି ସରକାର ଏହାକୁ ୭ ଟଙ୍କାକୁ ବୃଦ୍ଧି କରିଥିବା ଜଣାଯାଇଛି। ରାଜ୍ୟ ସରକାର

ବର୍ଦ୍ଧିତ ଦର ବାବଦରେ ବାର୍ଷିକ ୧୭୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବେ ବୋଲି ଜଣାପଡିଛି ।

## ପାଣିପାଗ

ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ, ଚଳିତବର୍ଷ ମାର୍ଚ୍ଚ ମାସ ଆରମ୍ଭରେ ତାପମାତ୍ରା ରେକର୍ଡ ଭାଙ୍ଗିଛି । ଚଳିତ ବର୍ଷର ଗ୍ରୀଷ୍ମଋତୁରେ ସର୍ବାଧିକ ତାପମାତ୍ରା ଗତକାଲି ଟିଟିଲାଗଡ଼ରେ ୩୮ ଦଶମିକ ୫ ଡିଗ୍ରୀ ରେକର୍ଡ କରାଯାଇଥିଲା । ପଶ୍ଚିମ ଓଡ଼ିଶାର ଅନ୍ୟ ଦୁଇଟି ସହର ଝାରସୁଗୁଡ଼ା ଏବଂ ବଲାଙ୍ଗିରର ତାପମାତ୍ରା ୩୮ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା । ସୂଚନା ଅନୁସାରେ ଗତକାଲି ରାଜ୍ୟର ୧୧ଟି ସହରରେ ତାପମାତ୍ରା ୩୭ ଡିଗ୍ରୀରୁ ଅଧିକ ଥିଲା । ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭବନା ନାହିଁ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

ଅନ୍ୟପକ୍ଷରେ ଚଳିତ ମାର୍ଚ୍ଚମାସରୁ ମଇ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ଜାରି ରହିବ ଏବଂ ଚଳିତ ମାସରେ ଦିନ ଏବଂ ରାତିର ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି ।